# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 June – 2025**

---

# ପ୍ରକଳ୍ପ ମଂଜୁରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ୪୧ତମ ଉଚ୍ଚସ୍ତରୀୟ ମଂଜୁରୀ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ବୃହତ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି । ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା ଏବଂ ସମ୍ବଲପୁର ଜିଲ୍ଲାରେ ଏହି ପ୍ରକଳ୍ପ ଗୁଡ଼ିକ ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି ।

# କୃଷକ ଶକ୍ତି ସମାବେଶ-ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀର ପଥରଚେପା ପଡ଼ିଆଠାରେ ଆଜି କୃଷକ ଶକ୍ତି ସମାବେଶର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଏହି ସମାବେଶରେ ଯୋଗଦେବେ ।

# ଅତିଥି ଭବନ

ଭୁବନେଶ୍ୱରରେ ଅତିଥି ଭବନ ନିର୍ମାଣକୁ ରାଜ୍ୟ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ବିଭିନ୍ନ ଜିଲ୍ଲାରୁ ଆସୁଥିବା ଲୋକଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଏହି ଭବନ ନିର୍ମାଣ କରାଯିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ୟୁନିଟ୍-୨ ଅଶୋକ ନଗର ଅଞ୍ଚଳରେ ଏଥିପାଇଁ ରାଜ୍ୟ ସରକାର ୩ ଏକର ଜାଗା ପ୍ରଦାନ କରିବେ । ରାଜ୍ୟ ସରକାରଙ୍କ ଆଉଟ୍ ରିଚ୍ କାର୍ଯ୍ୟକ୍ରମ ଅଧୀନରେ ଏହି ଅତିଥି ଭବନ ନିର୍ମାଣ ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରାଯାଇଛି ।

# ୱେବ୍‌ସାଇଟ୍

ଓଡ଼ିଶା ରାଜ୍ୟ ଅର୍ଥ କମିଶନ୍ ର ନୂତନ ୱେବ୍‌ସାଇଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି । ଅର୍ଥ କମିଶନ୍ ର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ଗତକାଲି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ ମତାମତ ଗ୍ରହଣ କରିବା ଲକ୍ଷ୍ୟ ନେଇ ଏହି ୱେବ୍‌ସାଇଟ୍‌କୁ ବିକଶିତ କରାଯାଇଛି ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଛି । ଏହି ୱେବ୍‌ସାଇଟ୍‌ରେ ଅର୍ଥ କମିଶନଙ୍କ ରିପୋର୍ଟ ତଥା ଆନୁସଙ୍ଗିକ ପ୍ରସଙ୍ଗ ନେଇ ବିବରଣୀ ଉପଲବ୍ଧ ହେଉଛି । ସୂଚନାଯୋଗ୍ୟ ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷଷ୍ଠ ଅର୍ଥ କମିଶନ ଗଠନ କରାଯାଇଛି । ୨୦୨୬ ଏପ୍ରିଲ୍ ପହିଲାରୁ ୫ ବର୍ଷ ପାଇଁ ଏହି କମିଶନ କାର୍ଯ୍ୟ କରିବ ।

# କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହଠାରେ ଲିଙ୍ଗ ଭିତ୍ତିକ ହିଂସା ଏବଂ ପୀଡ଼ିତାଙ୍କ ମାନସିକ ଆଘାତ ଯତ୍ନ ସଂପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଗତକାଲି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଲିଙ୍ଗ ଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି । ଏ ସଂପର୍କିତ ମାମଲାଗୁଡ଼ିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବାକୁ ପୁଲିସ୍ ପ୍ରଶାସନକୁ ସେ ପରାମର୍ଶ ଦେଇଛନ୍ତି ।

# ବିକାଶ ମେଳା

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ଖୋର୍ଦ୍ଧାଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସରେ ଗତକାଲି ପୁରୁଣା ଓଡ଼ିଆ ଚଳଚ୍ଚିତ୍ରର ପ୍ରଦର୍ଶନ କରାଯାଇଥିଲା । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ହାବଲୀ ପଡ଼ିଆଠାରେ ଚାଲିଥିବା ଏହି ମେଳାରେ ପ୍ରତ୍ୟହ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ଆଧାରିତ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଉଛି ।

# ବିକାଶ ମେଳା

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବିକାଶ ମେଳା ମଣ୍ଡପରେ ଗତକାଲି **ଗଞ୍ଜାମ ଜିଲ୍ଲାରେ ପ୍ରହ୍ଲାଦ ନାଟକ**

ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରହ୍ଲାଦ ନାଟକର ସୃଷ୍ଟି ଏବଂ ସମାଜ ଉପରେ ଏହା ପ୍ରଭାବ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲାରେ  ଝାଡ଼ାବାନ୍ତି ରୋଗ ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଦୂଷିତ ପାଣି ଏବଂ ବାସିଖାଦ୍ୟଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଅନବସର ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଅନବସର ନୀତି ପାଳନ ଅବସରରେ ଗତ ରାତିରେ ଶ୍ରୀଜୀଉଙ୍କୁ ଫୁଲୁରୀ ତେଲ ଲାଗି ହୋଇଛି । ଦଇତାପତି ଓ ପତି ମହାପାତ୍ର ସେବକ ମହାପ୍ରଭୁଙ୍କର ଏହି ଗୁପ୍ତସେବା କରିଛନ୍ତି । ମହାପ୍ରଭୁ ଜ୍ୱରରୁ ସାମାନ୍ୟ ସୁସ୍ଥ ହୋଇଛନ୍ତି । ଆଜି ଷଷ୍ଠୀ ତିଥିରେ ସୁଦୁ ସୁଆରଙ୍କ ଘରୁ ଆସିଥିବା ଓଷ ମହାପ୍ରଭୁଙ୍କୁ ଲାଗି କରାଯିବ ।

# ବିକାଶମେଳା

ସୁବର୍ଣ୍ଣପୁର ରୟାଲ୍ ପଡ଼ିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଗତକାଲି ବିଧାୟକ ରଘୁନାଥ ଜଗଦଲ୍ଲା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ।

# ପଟ୍ଟା ବଣ୍ଟନ

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଭୂମିହୀନ ଲୋକଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତକାଲି ସ୍ଥାୟୀ ଜମିପଟ୍ଟା ବଣ୍ଟନ କରିଛନ୍ତି । ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏହି ଅବସରରେ ଆୟୋଜିତ ସମାବେଶରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ୪୦ଟି ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଛି ।

# କୁମ୍ଭୀର ଦିବସ

କୁମ୍ଭୀରମାନଙ୍କ ସୁରକ୍ଷା ସଂପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱ କୁମ୍ଭୀର ଦିବସ  ପାଳନ କରାଯାଉଛି । ଏହି ଜୀବଙ୍କର ସଂରକ୍ଷଣ ଓ ସୁରକ୍ଷା ନେଇ  ୫୦ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରାଥମିକ ସ୍ତରରେ ହୋଇଥିବା ଆକଳନ ଅନୁଯାୟୀ ଭିତରକନିକା ଅଞ୍ଚଳରେ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଜଣାପଡ଼ିଛି ।

# କୃଷିମେଳା

ପୁରୀଠାରେ ୨୩ତମ ଲୋକମେଳା ଏବଂ ଷୋଡ଼ଶତମ କୃଷିମେଳା ଅନୁଷ୍ଠିତ ହେଉଛି । ସାଂସଦ ସମ୍ବିତ୍ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରର ବହୁ କଳାକାର ଯୋଗଦେଇ ଲୋକନୃତ୍ୟ ଓ ସଂଗୀତ ପରିବେଷଣ କରୁଛନ୍ତି । କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ ଆଧାରିତ ବିଭିନ୍ନ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।